भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

**Press Release**

# ଆଇଆଇଟି ଭୁବନେଶ୍ୱରରେ କ୍ୟାନ୍ସର୍ ସଚେତନତା ଶିବିର ଆୟୋଜିତ

**ଭୁବନେଶ୍ୱର, ୨୩ ସେପ୍ଟେମ୍ବର ୨୦୨୩:** ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଏକ ମାଗଣା କ୍ୟାନ୍ସର୍ ସଚେତନତା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଛି । କଟକସ୍ଥିତ ଏଚ୍‌ସିଜି ପଣ୍ଡା କ୍ୟାନ୍ସର୍ ହସ୍ପିଟାଲ୍‌ର ମିଳିତ ସହଯୋଗରେ ସେପ୍ଟେମ୍ବର ୨୩ ତାରିଖରେ ଅନୁଷ୍ଠିତ ଏହି ଶିବିରଟିର ଉଦ୍ଦେଶ୍ୟ ଥିଲା, ପ୍ରାଥମିକ ପର୍ଯ୍ୟାୟରେ ହିଁ କ୍ୟାନ୍ସର୍‌ର ଚିହ୍ନଟ ଏବଂ ଏଥି ସମ୍ବନ୍ଧୀୟ ସଚେତନତାର ପ୍ରସାର । ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ର ମହିଳା ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ।

ଏହି ଶିବିରର ପ୍ରାରମ୍ଭରେ, ଏଚ୍‌ସିଜି ପଣ୍ଡା କ୍ୟାନ୍ସର୍ ହସ୍ପିଟାଲ୍‌ର ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ୍ ଡଃ ନିତୀଶ ରଞ୍ଜନ ଆଚାର୍ଯ୍ୟ କ୍ୟାନ୍ସର୍ ଓ ଏହାର ଯଥାଶୀଘ୍ର ଚିହ୍ନଟ ସମ୍ପର୍କରେ ସଚେତନତା ସୂଚନା ପ୍ରଦାନ କରିଥିଲେ । ଏହି ଅଭସରରେ ସେ ଯୁବତୀ ମାନଙ୍କ ମଧ୍ୟରେ ସର୍ଭିକାଲ୍ କ୍ୟାନ୍ସର୍‌ର ପ୍ରତିରୋଧରେ ଏଚ୍‌ପିଭି (Human Papillomavirus) ଭ୍ୟାକ୍ସିନ୍‌ର ଭୂମିକା ଓ ଉପାଦେୟତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ । ଏହି ବକ୍ତବ୍ୟ ପରେ ବ୍ୟକ୍ତିଗତ ପରାମର୍ଶ ପ୍ରଦାନ କରାଯାଇଥିଲା । ଉପଯୁକ୍ତ ମହିଳାମାନଙ୍କ ପାଇଁ ପିଏପି ସ୍ମିଅର୍ ଟେଷ୍ଟ୍‌ର ବିଶେଷ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ଆଇଆଇଟି ଭୁବନେଶ୍ୱର ପକ୍ଷରୁ, ସିନିୟର୍ ମେଡିକାଲ୍ ଅଫିସର୍ ଡଃ ମନ୍‌ସୁଲ୍ ଅହମ୍ମଦ ଖାନ୍‌ଙ୍କ ନେତୃତ୍ୱରେ ସଞ୍ଜୀବନ ସ୍ୱାସ୍ଥ୍ୟ କେନ୍ଦ୍ରର ସଦସ୍ୟମାନେ ଏହି ଶିବିରର ପରିଚାଳନା କରିଥିଲେ । କ୍ୟାନ୍ସର୍ ହସ୍ପିଟାଲ୍‌ର ସାତ ଜଣିଆ ଦଳ ଏହି ଶିବିରର ସଂଚାଳନ କରିଥିଲେ । ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ର ପ୍ରାୟ ୫୦ ଜଣ ମହିଳା ସଦସ୍ୟା ଏହି ଶିବିରରେ ଭାଗ ନେଇ ଲାଭାନ୍ୱିତ ହୋଇଥିଲେ ।

------------------